**Bhaskar** 08 August 2021

## ରାଜ୍ୟର ପ୍ରଥମ ମେରାଇନ୍ କେଜ୍ କଲଚର ପ୍ରକଳ୍ପ ଉଦ୍‌ଘାଟିତ

# ବାଲେଶ୍ୱର ହେବ ମତ୍ସ୍ୟଚାଷର ନୂଆ ହବ୍: ପ୍ରତାପ

ବାଲେଶ୍ୱର,୮।୮(ଆ.ପ୍ର): ନୂତନ ଜ୍ଞାନ କୌଶଳର ମତ୍ସ୍ୟ ଚାଷ ପାଇଁ ବାଲେଶ୍ୱରର ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ଏହାକୁ ଠିକ୍ ବିନିଯୋଗ କରିବାର ଆବଶ୍ୟକତା ରହିଛି। ଏଥିପ୍ରତି ରାଜ୍ୟ ଓଡ଼ିଶା ସରକାର ଗୁରୁତ୍ୱ ଦେଲେ ମତ୍ସ୍ୟ ଚାଷରେ ବାଲେଶ୍ୱର ରାଜ୍ୟର ନୂଆ ହବ୍ ହେବ। କେବଳ ମତ୍ସ୍ୟ ଉତ୍ପାଦନ ହେବନି ବରଂ ଅନେକ ଶିକ୍ଷିତ ଯୁବକଙ୍କୁ କର୍ମ ନିଯୁକ୍ତି ମିଳିବ ବୋଲି ରବିବାର ମେରାଇନ କେଜ୍ କଲଚର ପ୍ରକଳ୍ପର ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ।





ସେ ଆହୁରି କହିଥିଲେ, ମତ୍ସ୍ୟ ଚାଷର ଉନ୍ନତି ପାଇଁ କେନ୍ଦ୍ର ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ୨୦ ହଜାର କୋଟି ଟଙ୍କାର ବଜେଟ କରିଛନ୍ତି। ଏଥିରେ ଓଡ଼ିଶାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଗଭୀର ସମୁଦ୍ରରେ ଅତ୍ୟାଧୁନିକ ମେରାଇନ କେଜ୍ କଲଚର ମାଧ୍ୟମରେ ମତ୍ସ୍ୟ ଉତ୍ପାଦନ କରିବା ଲାଭଜନକ ବ୍ୟବସ୍ଥା। ଏଥିରେ ରାଜ୍ୟ ତଥା ଦେଶର ଅର୍ଥନୈତିକ ପ୍ରଗତି ହୋଇପାରିବ। ସମଗ୍ର ଦେଶରେ ଏହା ହେଉଛି ପ୍ରଥମ ପାଇଲଟ୍ ପ୍ରଜେକ୍ଟ। ଏହା ଦ୍ୱାରା ଅଧିକ ମତ୍ସ୍ୟ ଉତ୍ପାଦନ ହେବ। ଜିଲ୍ଲାର ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀଙ୍କ ଆୟର ବୃଦ୍ଧି ହେବ। କେବଳ ଏତିକି ନୁହେଁ, ବାଲେଶ୍ୱର ସୁଲଭ ମୂଲ୍ୟରେ ପୁଷ୍ଟିକର ଖାଦ୍ୟର ଉତ୍ସ ହେବ ବୋଲି ସେ କହିଥିଲେ।

ଶ୍ରୀ ଷଡ଼ଙ୍ଗୀ ଆହୁରି କହିଥିଲେ; ମତ୍ସ୍ୟ ଚାଷ ପାଇଁ ବାଲେଶ୍ୱର ଜିଲ୍ଲାରେ ପ୍ରଚୁର ସୁଯୋଗ ରହିଛି। ଆଗାମୀ ଦିନରେ କେଉଁ ମାଟିରେ କେଉଁ ମାଛ ଚାଷ କଲେ ଅଧିକ ଲାଭବାନ ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦିଆଯିବ। ମାଗଣାରେ ମାଟି ପରୀକ୍ଷା, ଜଳ ପରୀକ୍ଷା କରାଯିବ। ଏଥିପାଇଁ ଭ୍ରାମ୍ୟମାଣ, ସ୍ଥାୟୀ ପରୀକ୍ଷା କେନ୍ଦ୍ର ପ୍ରତିଷ୍ଠା ହେବ। ଲୋକଙ୍କୁ ମତ୍ସ୍ୟଚାଷ ଉପରେ ସଚେତନ କରାଇବା ପାଇଁ ମେରାଇନ ଡିଗ୍ରୀ କରିଥିବା ଯୁବଗୋଷ୍ଠୀଙ୍କୁ ସାଗରବନ୍ଧୁ ଭାବେ ନିଯୁକ୍ତି କରାଯିବ। ମାଛ ଉତ୍ପାଦନଠାରୁ ବିକ୍ରି ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ କେନ୍ଦ୍ର ସରକାର ନେବେ। ଆଗାମୀ ଦିନରେ ରାଜ୍ୟରେ ନୂଆ ବନ୍ଦର ପ୍ରତିଷ୍ଠା ହେବ। ଏହି ତାଲିକାରେ ବାଲେଶ୍ୱରର ବଳରାମଗଡ଼ି ବି ରହିଛି ବୋଲି ସେ କହିଥିଲେ। ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ସମେତ ମତ୍ସ୍ୟ ବିଭାଗର ବରିଷ୍ଠ ଅଧିକାରୀ ଟ୍ରଲରରେ ସେଠାକୁ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ଦାସଙ୍କ ସମେତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାର ୨.୫୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୨୦୦୭ରେ ଚୌମୁଖରେ ଏହାର ପରୀକ୍ଷଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୩୦ଟି କେଜ୍ ହେବ। ଏଥିରେ ୯୦ ହିତାଧୀକାରୀଙ୍କୁ ନିଆଯିବ। ଏହି ଯୋଜନାରେ ମାଛ ଜାଆଁଳ ଛାଡ଼ିବାଠାରୁ ମାଛ ବଡ଼ ହେବା ପର୍ଯ୍ୟନ୍ତ ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ କେନ୍ଦ୍ର ସରକରେ ବହନ କରିବେ। ମାଛ ବିକ୍ରି ହେବା ପରେ ମଧ୍ୟ ଲାଭାଂଶ ହୀତାଧିକାରୀଙ୍କ ପାଖକୁ ଯିବ। ପରବର୍ତ୍ତୀ ଚାଷ ଲାଭାର୍ଥୀ ନିଜ ଅର୍ଥରେ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।